# ଜରାଜୀର୍ଣ୍ଣ ଅବସ୍ଥାରେ ରାଜ୍ୟର ଏକମାତ୍ର ବାବନ୍ଧ ଗୋ-ସଦନ

ଢେଙ୍କାନାଳ, ୨୮ ।୩ (ସମିସ)





ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଅନ୍ତର୍ଗତ ବାବନ୍ଧ ଗ୍ରାମରେ ଥିବା ରାଜ୍ୟର ଏକମାତ୍ର ଗୋ-ସଦନ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କର୍ମଚାରୀ ଅଭାବରୁ ଗୋରୁଗାଈମାନେ ଯତ୍ନ ଅଭାବରୁ ରୋଗଗ୍ରସ୍ତ ହୋଇପଡ଼ିଥିବା ଜଣାପଡ଼ିଛି।

ରାଜ୍ୟ ସରକାରଙ୍କ ପଶୁପାଳନ ବିଭାଗ ତରଫରୁ ହିନ୍ଦୋଳ ବ୍ଲକ ବାବନ୍ଧଗ୍ରାମଠାରେ ୩୭୯ ଏକର ଜମିରେ ରାଜ୍ୟର ସର୍ବବୃହତ ଗୋ-ସଦନ ୧୯୫୮ ମସିହାରେ ସ୍ଥାପିତ ହୋଇଥିଲା। ଏହି ଗୋ-ସଦନର ୩୭୯ ଏକର ଜମିରୁ ୮୫ ଏକର ଜମିରେ ଘାସ

## ● ଜମି ଜବରଦଖଲ ସହ ଖତଖାଉଛି ଯନ୍ତ୍ରାଂଶ

## ● ନାହିଁ ଭଣ୍ଡାର ଘର; କର୍ମଚାରୀ ଅଭାବ ଜଳଜଳ

ଚାଷ କରାଯିବା ସହିତ ଗୋରୁମାନଙ୍କୁ ଖାଦ୍ୟ ଓ ଚାରଣ ଭୂମିପାଇଁ ବ୍ୟାପକ ବନ୍ଦୋବସ୍ତ ମଧ୍ୟ କରାଯାଇଥିଲା। ଗୋରୁମାନଙ୍କ ରକ୍ଷଣା ବେକ୍ଷଣ ନିମନ୍ତେ ଜଣେ ସୁପରଭାଇଜର ଓ ଅନ୍ୟାନ୍ୟ ୬ ଜଣ କର୍ମକର୍ତ୍ତା ରହିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଫିଲ୍ଡମ୍ୟାନ, ଜଣେ ଚୌକିଦାର, ୨ ଜଣ ଆଟେଣ୍ଡାଣ୍ଟ, ଜଣେ ଚମଡ଼ା କଟାଳୀ ନିଯୁକ୍ତି ପାଇଥିଲେ। ଏହି ଗୋ-ସଦନଟି ସାମୂହିକ ଆଶ୍ରୟ ସ୍ଥଳୀ ଭାବରେ ପରିଚିତ ଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ଷଣ୍ଢ, ଗାଈଗୋରୁଙ୍କୁ ଅଣାଯାଇ ଏଠାରେ ରଖାଯାଇ ଯତ୍ନ ନିଆଯାଇଥାଏ। ସହରରେ ଷଣ୍ଢ ଉତ୍ପାତ ଓ ଗାଈମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ପୌରସଂସ୍ଥା ପୌରପାଳିକା ଓ ବିଜ୍ଞାପିତ ପରିଷଦ ଅଞ୍ଚଳମାନଙ୍କରୁ ବୁଲା ଗାଈଗୋରୁ ଓ ଷଣ୍ଢଙ୍କୁ ଧର ଏଠାରେ ଆଣି ଛାଡ଼ି ଦିଆଯାଇଥାଏ। ବିଗତ ଦିନରେ ଭୁବନେଶ୍ୱର ପୌରସଂସ୍ଥା ପୁରୀ ଓ କଟକ, ଢେଙ୍କାନାଳ ଆଦି ଅଞ୍ଚଳରୁ ଷଣ୍ଢ ଗାଈଗୋରୁଙ୍କୁ ଆଣି ଏଠାରେ ଛାଡି ଦିଆଯାଇଥାଏ। ବିଭିନ୍ନ ସମୟରେ ଷଣ୍ଢ ଓ ଗାଈମାନଙ୍କ ପ୍ରଜନନ ନିମନ୍ତେ ଚିମିଲିମା ସ୍ଥିତ କେନ୍ଦ୍ରୀୟ ପ୍ରଜନନ କର୍ମଚାରୀମାନେ ଏଠାକୁ ଆସି କାର୍ଯ୍ୟ କରିଥାନ୍ତି। ଗତ ୨୦୦୯-୧୦ ମସିହାରେ ଘାସ ଚାଷର ବ୍ୟବସ୍ଥା କରାଯାଇଥିଲା। ଏହି ସଂସ୍ଥାଟି କଟକ ସ୍ଥିତ ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ ଅଧୀନରେ ଥିବାବେଳେ ଢେଙ୍କାନାଳ ସ୍ଥିତ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରିଥାଏ। ଏଠାରେ ଥିବା ୮୫ ଏକର ପରିମିତି ଜମିରେ ବିଲାତି ଘାସ ରୁଆ ଯାଇଥିବା ବେଳେ ସମସ୍ତ ମଞ୍ଜି ପଶୁପାଳନ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥାଏ। ୩୭୯ ଏକର ପରିମିତି ଜମିରେ କୌଣସି ସ୍ଥାୟୀ ବାଡ଼ ନଥିବାରୁ ଅଧିକାଂଶ ଜମି ଘରୋଇ ଜବର ଦଖଲରେ ରହିଥିବାର ଦେଖାଦେଇଛି। ରାଜ୍ୟର ଏକମାତ୍ର ଗୋ-ସଦନ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲେ ସୁଦ୍ଧା ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଘାସ ଚାଷପରେ ସେଗୁଡିକୁ କଟାଯାଇ ଖରାଦିନ ପାଇଁ ସାଇତି ରଖିବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପାଣି ଅଭାବ ଯୋଗୁଁ ତାହାକୁ ଓଦା କରି ଖାଇବାକୁ ଦେବା ସମ୍ଭବ ହେଉନାହିଁ। ଭଣ୍ଡାର ଘର ନଥବାରୁ ଗୋଖାଦ୍ୟ ବି ନଷ୍ଟ ହେଉଛି। କର୍ମଚାରୀ ଅଭାବରୁ ଗୋରୁଗୁଡିକ ରୋଗଗ୍ରସ୍ତ ହୋଇପଡୁଛନ୍ତି। ସେହିପରି ଏହି ପରିସରରେ ଏକ ଖୋଲା କୂପ ରହିଥିବା ବେଳେ ଗ୍ରୀଷ୍ମ ଋତୁରେ ଏହା ଶୁଖି ଯିବାରୁ ପାଣିର ଘୋର ଅଭାବ ରହିଥିବା ଯୋଗୁ ଗୋରୁଗାଈମାନେ ପାଣି ପିଇବା ପାଇଁ ଡହକବିକଳ ହେଉଥିବା ଜଣାପଡ଼ିଛି।

# ଆପ୍‌ର ସାମୂହିକ ଉପବାସ



**ଢେଙ୍କାନାଳ, ୨୮ ।୩ (ସମିସ) :** ସ୍ଥାନୀୟ ଗାନ୍ଧୀ ପାର୍କଠାରେ ସଦର ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାଙ୍କ ସାମୂହିକ ଏକ ଦିବସୀୟ ଉପବାସ ଜିଲ୍ଲା ଆବାହକ ପଙ୍କଜ ନାୟକଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ମିଥ୍ୟା ଗିରଫଦାରୀର ପ୍ରତିବାଦରେ ଆପ୍ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୦ଟାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଧୂପଦାନ କରି ଏହି ଉପବାସ ଆରମ୍ଭ ହୋଇଥଲା। ଏହି ଉପବାସ କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଜିତେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ପିତାମ୍ବର ସାମନ୍ତରାୟ, ସନ୍ତୋଷ ଖୁଣ୍ଟିଆ, ନିରାକାର ସାହୁ, ବିଦ୍ୟାଧର ନାୟକ, ଚିନ୍ମୟ ସେନାପତି, ଗୋବିନ୍ଦ ସାହୁ, ପ୍ରସନ୍ନ ବରାଳଙ୍କ ସହିତ ବହୁ କର୍ମୀ ଯୋଗ ଦେଇଥିଲେ।

# ଟ୍ରାନ୍ସଫର୍ମର ଅଚଳରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଢେଙ୍କାନାଳ, ୨୮ ।୩ (ସମିସ) :** ଢେଙ୍କନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ପ୍ରାଥମିକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, କଣ୍ଟାପାଳରେ ଥିବା ୧୬ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ୮ ଦିନ ହେଲା ଅଚଳ ରହିଛି। ଟ୍ରାନ୍ସଫର୍ମର ପୋଡି ଯିବା ଦ୍ୱାରା ଅଚଳ ହୋଇଯାଇଛି। ଏହି ଟ୍ରାନ୍ସଫର୍ମର ଉପରେ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ଭରଶୀଳ ଥିବାବେଳେ ଏହା ଅଚଳ ହେବାରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିଥିବା ଇନଭର୍ଟର ୩ ଦିନ ପରେ କାର୍ଯ୍ୟକ୍ଷମ ହେଉ ନଥିବାରୁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ଧାର ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଯେଉଁ ଔଷଧ, ଇଞ୍ଜେକ୍ସନ ଶୀତତାପଯନ୍ତ୍ର ଦ୍ୱାରା ରହିବା ଉପଯୋଗୀ, ବିଦ୍ୟୁତ ନଥିବାରୁ ଏହି ସମସ୍ତ ଔଷଧ ନଷ୍ଟ ହେବା କାରଣରୁ କାର୍ଯ୍ୟରେ ଲାଗିପାରିବ ନାହିଁ ବୋଲି ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୨ ଟି ପଞ୍ଚାୟତ କଣ୍ଟାପାଳ ଓ ବାମ ପଞ୍ଚାୟତ ନିକଟସ୍ଥିତ ବ୍ଲକ ତେଲକୋଇ ସୀମାନ୍ତ ଅଞ୍ଚଳରେ ବିଭିନ୍ନ ଗ୍ରାମର ପାଖାପାଖି ୧୦ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ନିର୍ଭରଶୀଳ। ସାମ୍ପ୍ରତିକ ସ୍ଥିତିରେ ଗ୍ରୀଷ୍ମପ୍ରବାହ ଅତ୍ୟଧିକ ମାତ୍ରାରେ ବଢ଼ିଥିବା ବେଳେ ଅସହ୍ୟ ଗରମ ଓ ଗୁଳଗୁଳି ରୋଗୀମାନଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଛି। ଏ ସଂକ୍ରାନ୍ତରେ ବାରମ୍ବାର ବିଦ୍ୟୁତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ କୌଣସି ସନ୍ତୋଷ ଜନକଉତ୍ତର ମିଳୁ ନଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୋ ସରକାର ଓ ୫- ଟି ରେ ଅନ୍ତର୍ଭୁକ୍ତ କରାଯାଇ ଉତ୍ତମ ସ୍ୱାସ୍ଥ୍ୟ ସେବା ଦେବାପାଇଁ ବିଭିନ୍ନ ପ୍ରଚାର ପ୍ରସାର ହେଉଥିବା ବେଳେ ବାସ୍ତବରେ ଏହା କାର୍ଯ୍ୟକାରୀ ହେଉ ନଥିବା ଏହାର ଏକ ସଦ୍ୟତମ ନମୁନା। ଏ ସଂକ୍ରାନ୍ତରେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସହିତ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଗ୍ରହଣ କରି ନଥିଲେ।

# ଦୋଳ ମହୋତ୍ସବର ରୌପ୍ୟ ଜୟନ୍ତୀ



**ଢେଙ୍କାନାଳ, ୨୮ ।୩ (ସମିସ) :** ସଦର ବ୍ଲକ ଅନ୍ତର୍ଗତ କାଙ୍କଡ଼ାପାଳ ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣଜୀଉଙ୍କ ରୌପ୍ୟଜୟନ୍ତୀ ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୫ ତାରିଖରେ ବିମାନ ଶୋଭାଯାତ୍ରା କରାଯାଇ ଗୋପାଳ ଲଉଡ଼ି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରୀପ୍ରେକ୍ଷୀରେ ଶିବାୟ ଗ୍ରୁପ କଟକ ଦ୍ୱାରା ନୃତ୍ୟ ସଙ୍ଗିତ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ୨୬ ତାରିଖରେ ଗୀତା ଯଜ୍ଞ, ଚାରି ପ୍ରହର ନାମଯଜ୍ଞ, ପ୍ରସାଦ ସେବନ କରାଯାଇ ରାତ୍ର ୯ ଘଟିକାରେ ସମ୍ବର୍ଦ୍ଧନା ସଭା କରାଯାଇ ମା' ତରେଇଣୁଣୀ ବାଳିକା ଗ୍ରୁପ ଦ୍ୱାରା ନାଟକ ମଞ୍ଚସ୍ଥ କରାଯାଇଥିଲା। ୨୭ ତାରିଖ ସନ୍ଧ୍ୟା ୭ ଘଟିକାରେ ବିମାନ ଶୋଭାଯାତ୍ରା କରି ଗ୍ରାମ ପରିକ୍ରମା କରାଯାଇ ରାତ୍ର ୧୧ଟାରେ ମା' ତାରିଣୀ ଅପେରା ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। କାଙ୍କଡ଼ାପାଳ ଗ୍ରାମ୍ୟ କମିଟି ସଭାପତି ଚନ୍ଦନ ମହାନ୍ତି ଓ ସମ୍ପାଦକ ପୁରୁଷୋତମ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମ କମିଟି କର୍ମକର୍ତ୍ତା ଭରତ ସାସମଲ, ବିଚିତ୍ରାନନ୍ଦ ଦାସ, ପ୍ରମୋଦ କୁମାର ପାଣି, ଲୋଚନ କୁମାର ସାହୁ ପ୍ରମୁଖଙ୍କ ସହଯୋଗ ଓ ଗ୍ରାମବାସୀଙ୍କ ସାହାଯ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୯ ତାରିଖରେ ଏହାର ଉଦ୍‌ଯାପନୀ ଉତ୍ସବ ହେବ।

# ଆପ୍‌ର ସାମୂହିକ ଉପବାସ ପାଳନ



**ହିନ୍ଦୋଳ, ୨୮।୩(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଆପ୍ ତରଫରୁ ଏକଦିବସୀୟ ଉପବାସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ମିଥ୍ୟା ଗିରଫଦାରୀର ପ୍ରତିବାଦ, ଦେଶରେ ସମ୍ବିଧାନ ଓ ଗଣତନ୍ତ୍ର ସୁରକ୍ଷା ପାଇଁ ଆପ୍ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାଙ୍କ ସାମୂହିକ ଏକ ଦିବସୀୟ ଉପବାସ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ଗାନ୍ଧି ମୂର୍ତ୍ତି ନିକଟରେ ଜିଲ୍ଲା ଉପସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଧୂପଦାନ କରି ଏହି ଉପବାସ ଆରମ୍ଭ ହୋଇଥଲା। ଏହି ଉପବାସ କାର୍ଯ୍ୟକ୍ରମରେ ଜିଲ୍ଲା ଯୁଗ୍ମ ସମ୍ପାଦକ ବିଧୁ ରଞ୍ଜନ ନାୟକ ଓ ଶଙ୍କର୍ଷଣ ଦଳେଇ, ବ୍ଲକ ମହିଳା ସଭାନେତ୍ରୀ ସଂଯୁକ୍ତା ମହାପାତ୍ର, ସକ୍ରିୟ କର୍ମୀ ସନାତନ ନାଏକ, ପଙ୍କଜ ବେହେରା, ନରେନ୍ଦ୍ର ନାଏକ, ସନ୍ତୋଷ ନାୟକ, ଜଗଦୀଶ ନାଏକ, ବିଶ୍ୱଜିତ ନାଏକ, କମଳିନୀ ନାଏକ, ରେଖା ନାଏକଙ୍କ ସହିତ ବହୁ କର୍ମୀ ଯୋଗ ଦେଇଥିଲେ।

# ଆମ୍ବେଦକର ଭବନର ପୁନଃନିର୍ମାଣ ଦାବି



**ଢେଙ୍କାନାଳ, ୨୮ ।୩ (ସମିସ) :** ଢେଙ୍କନାଳ ଜିଲ୍ଲା ଆମ୍ବେଦକର ସେବା ସଂଗଠନ ପକ୍ଷରୁ ଆମ୍ବେଦକର ଭବନକୁ ପୁନଃନିର୍ମାଣ କରିବାକୁ ଦାବି କରାଯାଇଛି। ସଭାପତି ପ୍ରଦ୍ୟୁମ୍ନ କୁମାର ନାଏକ ଓ ସମ୍ପାଦକ ତଥା ଚିତ୍ରସେନ ନାଏକ ଆହ୍ୱାନ କ୍ରମେ ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ମିଳିତ ଭାବରେ ନୂତନ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ସହିତ ଡ଼ ଆମ୍ବେଦକର ଓ ଗୌତମ ବୁଦ୍ଧଙ୍କଫୋଟୋ ଚିତ୍ର ଅର୍ପଣ କରି ସମ୍ବର୍ଦ୍ଧନା ଜଣାଇବା ସହିତ ଆମ୍ବେଦକର ଭବନ ପୁନଃ ନିର୍ମାଣ ପାଇଁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଆହାର କେନ୍ଦ୍ର ଠାରେ ଥିବା ଆମ୍ବେଦକର ଭବନକୁ ବେଆଇନ ଭାବେ ରାଜସ୍ୱ ବିଭାଗ ଓ ଢେଙ୍କାନାଳ ମ୍ୟୁନିସିପାଲିଟି ଭାଙ୍ଗିଦେବା ସହିତ ସଂଗଠନର ଆସବାବ ପତ୍ର ନଷ୍ଟ କରି ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କୁ ଅସମ୍ମାନିତ କରିଛନ୍ତି। ଏହା ବିରୋଧରେ ଗତ ଫେବୃଆରୀ ୯ରେ ପୂର୍ବତନ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ମହାପୁରୁଷଙ୍କ ନାମରେ ଭବନ ନିର୍ମାଣ ବଦଳରେ ଭାଙ୍ଗି ଧୂଳିସାତ କରାଯାଇଛି। ଏହାର ପ୍ରତିବାଦରେ ସଂଗଠନର କାର୍ଯ୍ୟକର୍ତ୍ତାମାନେ କ୍ଷୋଭ ପ୍ରକାଶ କରି ପୁନଃ ଆମ୍ବେଦକର ଭବନ ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ବାଚନ ପରେ ଆମ୍ବେଦକର ଭବନ ନିର୍ମାଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ଅବିନାଶ ଜେନା, ଅଜିତ ମଲିକ, ସୁଧାକର ଜେନା, ଅଜୟ ସେଠି, ଅନନ୍ତ ନାଏକ, ଗୌତମ ପାତ୍ର, କଳ୍ପନା ବେହେରା, ଫକୀର ବେହେରା, ଗୌତମ ବେହେରା, ଶଶୀକାନ୍ତ ମହାନ୍ତି, ଅକ୍ଷୟ ମଲିକ, ହାଡିବନ୍ଧୁ ରାଉତ, ଦୋଳଗୋବିନ୍ଦ ସାହୁ, ଧ୍ରୁବଚରଣ ବିଶ୍ୱାଳ, ପଦ୍ମିନୀ ନାଏକ, ଦୀପକ ଗୋଛାୟତ ଓ ସରସ୍ୱତୀ ନାଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ମୋଟରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଢେଙ୍କାନାଳ, ୨୮ ।୩ (ସମିସ) :** ସଦର ବ୍ଲକ ଅନ୍ତର୍ଗତ ମୋଟରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି କାର୍ତ୍ତିକେଶ୍ୱର ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ମଧୁସାହୁପାଟଣା ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ୱେତା ରାଉତ ମୁଖ୍ୟ ଅତିଥି, କାଉଡ଼ିଭାଗ ସିଆରସିସି ଦିଲ୍ଲୀପ ପଣ୍ଡା ମୁଖ୍ୟ ବକ୍ତା, ସମିତି ସଭ୍ୟା ଗୀତାଞ୍ଜଳି ସାହୁ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ମାନସ ରାଉତ ଓ ଶିକ୍ଷକ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ସନ୍ତୋଷ ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ନିଗ୍ଧାମୟୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ଶୋଭାଶ୍ରୀ ଦଳେଇ କମିଟି ସଭ୍ୟ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନୁସୂଚୀତ ଜାତିଙ୍କୁ ଗ୍ରାମରୁ ବାହାର କରିଦେବାକୁ ଉଦ୍ୟମ

## ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ଢେଙ୍କାନାଳ, ୨୮ ।୩ (ସମିସ) :** ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ କାଉଚି ଗ୍ରାମରେ ଥିବା ଅନୁସୂଚୀତ ଜାତିର ବାସିନ୍ଦାମାନଙ୍କୁ ଗ୍ରାମରୁ ତଡ଼ିଦେବାକୁ ଉଦ୍ୟମ ହୋଇଥିବା ଅଭିଯୋଗ କରି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାଉଚି ଗ୍ରାମର ଅନୁସୂଚୀତ ଜାତିର ଲୋକଙ୍କ ଅଭିଯୋଗ ଅନୁସାରେ ଗ୍ରାମର ଗଣେଶ୍ୱର ନାୟକଙ୍କ ପୁଅ ସାଗର ନାୟକ, ନକୁଳ ବେହେରାଙ୍କ ପୁଅ ବୁବୁନା ବେହେରା, ପୁପୁ ନାୟକ, ଗଣେଶ୍ୱର ନାୟକଙ୍କ ପୁଅ ଦିପୁନ ନାୟକ, ଗଗନ ପରିଡ଼ାଙ୍କ ପୁଅ ଆକାଶ ପରିଡ଼ା ପ୍ରମୁଖ ଉଚ୍ଚ ଜାତିର ଲୋକ ହୋଇଥିବା ବେଳେ ଅନୁସୂଚୀତ ଜାତିର ଲୋକଙ୍କୁ ଗ୍ରାମରୁ ବାହାର କରିଦେବାକୁ ଧମକ ଚମକ ଦେଉଛନ୍ତି। ଏପରିକି ଗ୍ରାମରେ ବୋମା ପକାଇ ଉଡ଼ାଇଦେବାକୁ ଧମକ ଦେଉଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଆଲତୁମା ହାଇସ୍କୁଲର ବାର୍ଷିକ ଉତ୍ସବ




**କାମାକ୍ଷାନଗର, ୨୮ ।୩ (ସମିସ) :** କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ଆଲତୁମା ହାଇସ୍କୁଲର ୪୦ତମ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ବଟକୃଷ୍ଣ ଦାଶ, ମୁଖ୍ୟ ବକ୍ତା ଭାବରେ କାମାକ୍ଷାନଗର ନୋଡାଲ ଅଫିସର ସୁରେନ୍ଦ୍ର କୁମାର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ପରିଡ଼ା, ସଞ୍ଜୁକ୍ତା ରାଣୀ ନାୟକ, ଚନ୍ଦ୍ର ମୋହନ ସାହୁ, ସିନେ ଅଭିନେତା ଶୁଭ୍ରାଂଶୁ ନାୟକ, ଅନ୍ୟତମ ଅତିଥୀ ଭାବେ ଏସଏମସି ଚେୟାରମ୍ୟାନ ସରୋଜ ରଞ୍ଜନ ଦାଶ, ଆଲୁମିନି ସଂଘ ସଭାପତି ବାଳକୃଷ୍ଣ ନାୟକ, ଆଲୁମିନା ସଂଘ ସମ୍ପାଦକ ଶୁଭ୍ରାଂଶୁ ମହାନ୍ତି ଯୋଗଦାନ କରି ୧୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷୟିତ୍ରୀ ସୁନନ୍ଦା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଆଲୁମିନି ବ୍ରୋଚର ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟରେ ରହିଥିବା ଶିକ୍ଷକ ଏବଂ ଶ୍ରେଣୀଗୃହ ସମସ୍ୟା ସମ୍ପର୍କରେ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶିକ୍ଷକ ନିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବିଶ୍ୱ ନାଟ୍ୟ ଦିବସ ପାଳିତ

## କଳାପରିଷଦ ତରଫରୁ 'ଜେଜେ' ନାଟକ ପରିବେଷିତ

ଢେଙ୍କାନାଳ, ୨୮ ।୩ (ସମିସ)

ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ ପରିସରରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ପୁରାତନ ନାଟ୍ୟ ଅନୁଷ୍ଠାନ କଳା ପରିଷଦ ପକ୍ଷରୁ ନାଟକ 'ଜେଜେ' ପରିବେଷଣ କରାଯାଇଛି। ପ୍ରାରମ୍ଭରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୂଖ୍ୟ ଅତିଥି ଭାବେ ସଦର ବିଧାୟକ ସୁଧୀର କୁମାର ସାମଲ ମୂଖ୍ୟବକ୍ତା ଭାବେ ପ୍ରଫେସର ଡ.ମୃଣାଳ ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ନଗରପାଳ ଜୟନ୍ତି ପାତ୍ର ପ୍ରମୁଖ ଯୋଗଦେଇ ସମ୍ପ୍ରତି ନାଟକ ସମାଜରୁ ଏବଂ ସମାଜର ଚରିତ୍ରମାନଙ୍କୁ ବଦଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। କଳାପରିଷଦର ସଭାପତି ଦିଲେଶ୍ୱର ମହାରଣା ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ସଦସ୍ୟ ମନ୍ମଥ ପଟ୍ଟନାୟକ ବିଶ୍ୱ ନାଟ୍ୟ ବାର୍ତ୍ତା ପଠନ କରିଥିଲେ। ଏହି ଅବସରରେ ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟ ହାସ୍ୟ ଅଭିନେତା ସ୍ୱର୍ଗତ ଇନ୍ଦ୍ରମଣୀ ବେହେରାଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ପରିଚାଳନା କରିଥିଲେ। ପରେ ଶତ୍ରୁଘ୍ନ ମାଟିଙ୍କ ରଚନା ଦିଲେଶ୍ୱର ମହାରଣାଙ୍କ ନିର୍ଦ୍ଦେଶନାରେ ଜେଜେ ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଭାତ ମହାନ୍ତି ସଙ୍ଗୀତ ନିର୍ଦ୍ଦେଶନାରେ ଅଭିନୟରେ ଶତ୍ରୁଘ୍ନ ମାଟି, ଅବନୀ ମିଶ୍ର, ସ୍ମିତା ନାଥ, ଅଶୋକ ଦାଶ, ବିନୋଦ ମହାନ୍ତି, ପ୍ରବୀର ମହାନ୍ତି, ଅମ୍ବିକା ପଟ୍ଟନାୟକ, ମନୋରଞ୍ଜନ ସିଂ, ଯାଜ୍ଞଶ୍ରୀ ସାହୁ, ରାଜଶ୍ରୀ ବେହେରା ପ୍ରମୁଖ ଶିଶୁ କଳାକାର ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ କଳାକାରମାନେ ଅଭିନୟ କରିଥିଲେ।



